



**୨୦**

# ରାଷ୍ଟ୍ରବାଦ

ଆମ ସମସ୍ତଙ୍କୁ କେବେନା କେବେ ନିଜ ଦେଶ ପ୍ରତି ଆନୁଗତ୍ୟ ହେବାକୁ ପଡିବ । ନିଜ ଦେଶ ପ୍ରତି ଆନୁଗତ୍ୟତାକୁ ସାଧାରଣ ଭାବରେ ରାଷ୍ଟ୍ରୀୟତାର ଭାବନା ବୋଲି ହୃଦୟଙ୍ଗମ କରାଯାଏ । ରାଷ୍ଟ୍ରବାଦୀ ବ୍ୟକ୍ତି ହେଉଛନ୍ତି ସେ, ଯିଏ ନିଜ ଦେଶକୁ ଭଲ ପାଉଥାଏ । ଏପରି କଥା ଆପଣଙ୍କୁ ଉପନ୍ୟାସ, କବିତା, ଭାଷଣ ଓ ସମାଚାର-ଖବରକାଗଜ ଏବଂ ଫିଲ୍ମରେ ମଧ୍ୟ ମିଳି ପାରିବ ।

କ'ଣ ଆପଣ କେବେ ବିସ୍ମୟ ହୋଇ ନାହାନ୍ତି କି, ଏହା ସବୁ କେବେ ଆରମ୍ଭ ହୋଇଛି ? ରାଷ୍ଟ୍ରୀୟତାର ଇତିହାସ କ'ଣ ? ଏହି ବିଚାର କେତେ ପୁରୁଣା ? ଅଥବା, କ'ଣ ଲୋକମାନେ ସବୁ ସମୟରେ ନିଜ ଦେଶକୁ ଭଲ ପାଇ ଆସୁଛନ୍ତି ? କ'ଣ ରାଷ୍ଟ୍ରୀୟତା ଶବ୍ଦର ଅର୍ଥ ସ୍ୱଦେଶ ପ୍ରତି ଆନୁଗତ୍ୟ ରହିବା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ପାଠରେ ଆମେ ଏହି ସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ପ୍ରୟାସ କରିବା ।

## ଉଦ୍ଦେଶ୍ୟ

ଏହି ପାଠ୍ୟର ଅଧ୍ୟୟନ ପଶ୍ଚାତ ତୁମେ :

- ରାଷ୍ଟ୍ରୀୟତା ବିଚାରରେ ଇତିହାସର ମୂଳକୁ ଖୋଜି ପାରିବ,
- ଇଉରୋପରେ ରାଷ୍ଟ୍ରୀୟତା ଭାବନାର ଉତ୍‌ଥାନର କାରଣ ବ୍ୟାଖ୍ୟା କରିପାରିବ,
- ଭାରତରେ ରାଷ୍ଟ୍ରୀୟତା ଭାବନାର ବିକାଶକୁ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସଂଘର୍ଷ ସହିତ ଯୋଡି ପାରିବ,
- ଭାରତର ସାଂସ୍କୃତିକ କ୍ଷେତ୍ରରେ ରାଷ୍ଟ୍ରୀୟତା ବିଚାରର ଉଦ୍‌ଭବର ଉତ୍ସକୁ ଖୋଜି ପାରିବେ ଏବଂ ରାଷ୍ଟ୍ରୀୟତା ଭାବନାର ଆର୍ଥିକ ସନ୍ଦର୍ଭରେ କିପରି ଅଭିବ୍ୟକ୍ତ କରାଯାଇଛି ଏହାର ବାଖ୍ୟା କରିପାରିବ ।

## ୨୦.୧ ରାଷ୍ଟ୍ରୀୟତାର ଭାବନା: ଉଦଭବ ଏବଂ ଅର୍ଥ

ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେଯେ ଇତିହାସ ଏହିବିଚାରର ଦୁଇଶହ ବର୍ଷରୁ ଅଧିକ ପୁରୁଣା ନୁହେଁ । ଆଜି 'ରାଷ୍ଟ୍ରୀୟତାର ଭାବନା' ଶବ୍ଦର ଆମେ ଯେଉଁ ଅର୍ଥରେ ପ୍ରୟୋଗ କରୁଛୁ, ଏହି ଅର୍ଥ ଉନବିଂଶ ଶତାବ୍ଦି ପୂର୍ବରୁ ଭାରତରେ କୌଣସି ଅସ୍ତିତ୍ୱ ନଥିଲା । ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବିଚାରର ଉତ୍ସ ଭାରତ ଇତିହାସରେ ନୁହେଁ, ପରନ୍ତୁ ଆଧୁନିକ ଇଉରୋପ ଇତିହାସରେ ହିଁ ରହିଚି । ପ୍ରକୃତରେ ଆମେ ଏହି ଭାରତୀୟ ରାଷ୍ଟ୍ରୀୟତା ସମ୍ବନ୍ଧରେ ଏହାକୁ ଇଉରୋପୀୟ ପରିପ୍ରେକ୍ଷୀରେ ଅତ୍ୟନ୍ତ ଭିନ୍ନ ଅର୍ଥରେ ବିଚାର କରିପାରୁ । ପ୍ରକୃତରେ ଏହା ଭାରତୀୟ ଜାତୀୟତାକୁ ଏହାର ଅନ୍ୟପକ୍ଷ ଇଉରୋପୀୟ ଜାତୀୟତାଠାରୁ ଭିନ୍ନ ଅର୍ଥରେ ବିଚାର

କରିବାର ସମ୍ଭାବନା ରହିଛି । ଏହାର ଭିନ୍ନତର ଗୁରୁତ୍ୱ ଜାଣିବା ପାଇଁ ଜ୍ଞାନ ହେବା ଆବଶ୍ୟକ ଯେ କେଉଁ ପରିସ୍ଥିତିରେ ଇଉରୋପରେ ରାଷ୍ଟ୍ରିୟତାର ଜଡ ସୃଷ୍ଟି ହେଲା ।

ଇଉରୋପରେ ରାଷ୍ଟ୍ରୀୟତାର ଭାବନାର ବିକାଶ ଅଷ୍ଟାଦଶ ଶତାବ୍ଦିର ପାଖାପାଖି ସେଠାରେ ସମାଜ ଏବଂ ଅର୍ଥ ବ୍ୟବସ୍ଥାରେ ହେଉଥିବା ମୂଳଭୁତ ବରିବର୍ତ୍ତନର ପରଣାମ ସ୍ୱରୂପ ହୋଇଥିଲା । ଔଦ୍ୟୋଗିକ କ୍ରାନ୍ତିଂ ପ୍ରାରମ୍ଭରେ ଅନେକ ବସ୍ତୁ ଓ ସାମଗ୍ରୀ ଉତ୍ପାଦନ ହେଲା । ଯେଉଁ କାରଣରୁ ଏହି ଅଭୁତପୂର୍ବ ଧନ-ସମ୍ପତ୍ତି ସେଠାକୁ ଆସିଲା ଯାହା ପୂର୍ବରୁ କେବେ ବି ନଥିଲା । ଏହାର ପରିଣାମ ସ୍ୱରୂପ ଏମିତି ଅନୁଭବ ହେଲାକି ଏମିତି ଏକ ଏକୀକୃତ ଏବଂ ବିଶାଳ ବଜାର ତିଆରି ହେବ, ଯେଉଁଠାରେ ଏହି ପଦାର୍ଥଗୁଡିକ ବିକ୍ରି କରାଯାଇପାରିବ । ବିଶାଳ ବଜାର ସୃଷ୍ଟି କରିବାକୁ ଯାଇ ଗ୍ରାମ, ଜିଲ୍ଲା ଏବଂ ପ୍ରାନ୍ତକୁ ରାଜନୈତିକ ରୂପେ ଯୋଡି ବୃହତ୍ତ ରାଜ୍ୟର ରୂପ ଦିଆଗଲା । ଏହି ବିଶାଳ ସଂଯୁକ୍ତ ବଜାରରେ ବିଭିନ୍ନ ଭୂମିକା ନିର୍ବାହ କରିବା ପାଇଁ ବିଭିନ୍ନ ପ୍ରକାରର ଲୋକଙ୍କର ଆବଶ୍ୟକତା ଥିଲା, ଯେଉଁମାନଙ୍କ ପାଇଁ ବିଭିନ୍ନ ପ୍ରକାରର କୌଶଳ ପୂର୍ଣ୍ଣ କାର୍ଯ୍ୟରେ ପ୍ରଶିକ୍ଷିତ କରିବାର ଆବଶ୍ୟକ ଥିଲା । ମାତ୍ର ଏ ସମସ୍ତ ଉପରେ, ପରସ୍ପର ମଧ୍ୟରେ ସମ୍ବାଦ ଓ ଯୋଗାଯୋଗର ଆବଶ୍ୟକତା ଅନୁଭବ କରୁଥିଲେ । ଏହି କାରଣରୁ ଏକ ଭାଷା ଉପରେ କେନ୍ଦ୍ରିତ ଅନୁରୂପ ଶୈକ୍ଷିକ କେନ୍ଦ୍ରଗୁଡ଼ିକର ଆବଶ୍ୟକତା ଅନୁଭବ କରାଗଲା । ପୂର୍ବ-ଆଧୁନିକ କାଳରେ ଅଧିକାଂଶ ଲୋକମାନେ ନିଜର ସ୍ଥାନୀୟ ବାତାବରଣରେ ଭାଷା ଏବଂ ଅନ୍ୟ କୌଶଳ ଶିକ୍ଷା ଲାଭ କଲେ, ଯାହା ଜଣକୁ ଅନ୍ୟଠାରୁ ଭିନ୍ନ କଲା । ମାତ୍ର ଏବେ ଆଧୁନିକ ଅର୍ଥ ବ୍ୟବସ୍ଥା କାରଣରୁ ନୂତନ ପରିବର୍ତ୍ତନର ପରିଣାମ ସ୍ୱରୂପ ପ୍ରଶିକ୍ଷଣ ଏବଂ ସ୍କୁଲମାନଙ୍କର ଏକ ସମାନ ପ୍ରଣାଳୀ ସ୍ଥିତିକୁ ଆସିଗଲା । ଏହି ପ୍ରକାର ଇଂଲଣ୍ଡରେ ଇଂରାଜୀ ଭାଷା, ଫ୍ରାନ୍ସରେ ଫ୍ରାନସିସ୍ ଏବଂ ଜର୍ମାନରେ ଜର୍ମାନ ଭାଷା ଏହି ଦେଶମାନଙ୍କରେ ପ୍ରମୁଖ ଭାଷା ହୋଇଗଲା ।

ସଂଚାର ପ୍ରଣାଳୀର ସମାନତାର ପରିଣାମ ସ୍ୱରୂପ ରାଷ୍ଟ୍ରୀୟ ସଂସ୍କୃତି ଗଠିତ ହେଲା ଏବଂ ଏହା ରାଷ୍ଟ୍ରୀୟ ପରିସୀମାକୁ ସୁଦୃଢ଼ କଲା । ଏହି ସୀମା ଭିତରେ ରହୁଥିବା ଲୋକମାନେ ପରସ୍ପରକୁ ସେହି ସୀମା ମଧ୍ୟରେ ଯୋଡିବାକୁ ଆରମ୍ଭ କଲେ । ସାଂସ୍କୃତିକ ଅଭିବୃଦ୍ଧି ସହିତ ସେହି ଲୋକମାନେ ନିଜକୁ ସମାନ ବ୍ୟକ୍ତିତ୍ୱ ଭାବରେ ଅନ୍ୟ ଏକ ବୃହତ୍ତ ସମୁଦାୟର ସଦସ୍ୟ ବୋଲି ବିଚାର ଆରମ୍ଭ କରିଦେଲେ । ଏମିତିକି ଇଂରେଜମାନେ ଇଂଲଣ୍ଡର ପରିସୀମା ମଧ୍ୟରେ ପରସ୍ପରକୁ ପରିଚିତ କରିବାରେ ଲାଗିଲେ । ଜର୍ମାନ ଏବଂ ଫରାସୀମାନେ ମଧ୍ୟ ଏଭଳି କଲେ । ରାଷ୍ଟ୍ରୀୟତା ବିଚାରର ଏହା ପ୍ରାରମ୍ଭ କାଳ ଥିଲା ।

ଆସନ୍ତୁ ଆମେ ଏହାକୁ ସାଧାରଣ ଭାବରେ ଅନ୍ୟ ଉପାୟରେ ବୁଝିବା । ରାଷ୍ଟ୍ରବାଦ ଇଉରୋପରେ ରାଷ୍ଟ୍ର ଏବଂ ଜାତୀୟ ରାଜ୍ୟ (ଯାହା ବିଶାଳ ବା ସାଂସ୍କୃତିକ ସମଜାତୀୟତା କ୍ଷେତ୍ର ହେବା ସହିତ ରାଜନୈତିକ ବ୍ୟବସ୍ଥାରେ)ର ଉଦଭବର ପରିଣାମ ଥିଲା । ଏହି ରାଷ୍ଟ୍ର-ରାଜ୍ୟ ଦୀର୍ଘ ଦିନ ରହି ପାରିଲା ନାହିଁ । ପ୍ରାରମ୍ଭିକ ସମାଜ, ମାନବ ସଙ୍ଗଠନର ସ୍ୱରୂପ ସହିତ ଶ୍ରମର କେତେକ ବିସ୍ତୃତ ବିଭାଜନ ବ୍ୟତୀତ, କୌଣସି ରାଜ୍ୟ ବା ଆଇନ ବ୍ୟବସ୍ଥା ଲାଗୁ କରିବା କୌଣସି କେନ୍ଦ୍ରିୟ ପ୍ରାଧିକରଣ (authority)ର ବିନା ସେମାନଙ୍କର ସମସ୍ୟାକୁ ସହଜରେ ନିୟନ୍ତ୍ରଣ କରିପାରୁ ନଥିଲେ । ବ୍ୟବସ୍ଥିତ କୃଷିର ପ୍ରାରମ୍ଭ ପରେ ରାଜ୍ୟ ଏକ କେନ୍ଦ୍ରିୟ ଶକ୍ତି ଭାବରେ ଦେଖାଦେଲା । ସେମାନଙ୍କର ଜୀବନ ଶୈଳୀକୁ ପରିଚାଳିତ କରିବା ପାଇଁ ଏକ କେନ୍ଦ୍ରିୟ ଶକ୍ତିର

ଅଭାବ ଯୋଗୁଁ ସାଧାରଣ ଲୋକେ ସେମାନଙ୍କର ଦୈନନ୍ଦିନ ଜୀବନ ଠିକ୍ ଭାବରେ ଚଳେଇ ପାରିଲେ ନାହିଁ । ଔଦ୍ୟଗୀକରଣ ଏବଂ ଆଧୁନିକ ବିଶ୍ୱ ଅର୍ଥନୀତିର ଉଦୟ ହେବା ସହିତ ଏକ ରାଜ୍ୟର ଆବଶ୍ୟକତାକୁ ଅଧିକ ମହତ୍ୱ ଦିଆଗଲା । ଯୋଗାଯୋଗର ବ୍ୟାପକ ପ୍ରଣାଳୀ ଏବଂ ଏକକ ମାନ୍ୟଯୁକ୍ତ ଭାଷା ଉପରେ କେନ୍ଦ୍ରିତ ସମନୁରୂପ ଶିକ୍ଷା ପଦ୍ଧତି, ସାଂସ୍କୃତିକ ଓ ରାଜନୈତିକ ସମତାର ପରିସ୍ଥିତି ସୃଷ୍ଟି କଲା । ଏପରି ଭାବରେ ଆଧୁନିକ ରାଷ୍ଟ୍ର ଅସ୍ତିତ୍ୱକୁ ଆସିଲା । ଏହି ରାଷ୍ଟ୍ର ରାଜ୍ୟକୁ ନିଜେ ନିଜକୁ ନିରନ୍ତର ଅସ୍ତିତ୍ୱରେ ରଖିବା ପାଇଁ, ସ୍ୱପରିସରରେ ବାସ କରୁଥିବା ଲୋକଙ୍କ ସହଯୋଗ ଏବଂ ଆନୁଗତ୍ୟର ଆବଶ୍ୟକତା କଲା । ଏହା ରାଷ୍ଟ୍ରବାଦର ଶୁଭାରମ୍ଭ ଥିଲା । ଅନ୍ୟ ଅର୍ଥରେ କୁହାଗଲେ, କୌଣସି ରାଷ୍ଟ୍ରକୁ ରାଜ୍ୟର ଏକ ସୀମା ମଧ୍ୟରେ ରହିବା ଲୋକ ବା ସମୁଦାୟଙ୍କର ବିଶେଷ ପରିଚୟ ଏବଂ ସେମାନଙ୍କର ଉଚ୍ଚ ସଂସ୍କୃତିମାନ ହିଁ ସେହି ରାଷ୍ଟ୍ରୀୟତା ଭାବନାକୁ ଭବ୍ୟ ରୂପ ପ୍ରଦାନ କଲା ।

ପରନ୍ତୁ ଭାରତରେ ରାଷ୍ଟ୍ରବାଦର ବିକାଶ ଏପରି ହେଲା ନାହିଁ । ଯେତେବେଳେ ଇଉରୋପରେ ଜାତୀୟତା (ରାଷ୍ଟ୍ରବାଦ) ତତ୍ତ୍ୱରେ ଜଡ ସୁଦୃଢ଼ ହେଉଥିଲା ସେହି ସମୟରେ ଭାରତର ଛବି ଅନେକ ଭିନ୍ନ ଥିଲା । ଏଠାରେ ଔଦ୍ୟୋଗୀକରଣ ଅନେକ ସୀମିତ ରୂପେ ଅସ୍ତିତ୍ୱକୁ ଆସିଲା । ଯେତେବେଳେ ଔଦ୍ୟୋଗୀକରଣ ପ୍ରଚଣ୍ଡ ଭାବେ ବିକଶିତ ହେଉଥିଲା ସେତେବେଳେ ମଧ୍ୟ ଭାରତର ଅର୍ଥ ବ୍ୟବସ୍ଥା କୃଷି ଉପରେ ଆଧାରିତ ଥିଲା । ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ଭାଷା କହୁଥିଲେ । ଯଦ୍ୟପି ଦେଶ ଭକ୍ତିର ଭାବନା (ଦେଶ ଭକ୍ତି: ନିଜ ଅଞ୍ଚଳ ଓ ସଂସ୍କୃତିକୁ ଭଲ ପାଇବା ଏବଂ ପ୍ରଭୁ ଭକ୍ତିର ଭାବନା ଯାହା ମରାଠବାଡା ନିମିତ୍ତ ମରାଠାମାନଙ୍କ ମଧ୍ୟରେ ଏବଂ ରାଜପୁତନା ନିମିତ୍ତ ରାଜପୁତମାନଙ୍କ ମଧ୍ୟରେ ମହଜୁତ ଥିଲା । ଆଧୁନିକ କାଳ ପୂର୍ବ ସମୟ ମାନଙ୍କରେ ଭାରତରେ ପୂର୍ବରୁ ରହିଥିଲା । ପରନ୍ତୁ ଆଜିକାଲି ରାଷ୍ଟ୍ରବାଦକୁ ଆମ୍ଭେମାନେ ଯେଉଁ ଅର୍ଥରେ ବୁଝୁଛୁ (ପ୍ରଶାସନର ଏକୀକୃତ ପ୍ରଣାଳୀ, ସାଧାରଣ ଭାଷା, ଉଚ୍ଚ କୋଟିର ଏକ ସଂସ୍କୃତି ଏବଂ ରାଜନୈତିକ ଏକୀକରଣ), ଏହି ଅର୍ଥରେ ଏହାର ଅସ୍ତିତ୍ୱ ଉନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଭାରତରେ ପ୍ରକୃତ ସ୍ଥିତିକୁ ଆସି ନଥିଲା ।

ଭାରତରେ ବ୍ରିଟିଶ ଶାସନ ପ୍ରଭାବରେ ପ୍ରାଥମିକ ଭାବରେ ଭାରତରେ ରାଷ୍ଟ୍ରୀୟ ଭାବନା ବୃଦ୍ଧି ହେଲା । ଆପଣମାନେ ଜାଣନ୍ତି ଯେ ୧୭୫୭ ମସିହାର ପଲାସୀ ଯୁଦ୍ଧ ପରେ ଭାରତ ବ୍ରିଟିଶ ଶାସନ ଭୂମିକୁ ସ୍ପର୍ଷ କଲା । ଏବଂ ସେମାନେ ଧିରେ ଧିରେ ଦେଶୀୟ ରାଜ୍ୟଗୁଡିକୁ ପରାସ୍ତ କରି ନିଜକୁ ପ୍ରତିଷ୍ଠିତ କଲେ । ଆପଣମାନେ ଭଲ ଭାବରେ ଜାଣନ୍ତି ଯେ ବ୍ରିଟିଶ, ଭାରତର ଶାସକ ଭାବେ ଆଗମନକୁ ଅନେକ ଦେଶୀୟ ରାଜ୍ୟର ଶାସକ ଏବଂ ଜନସାଧାରଣ ବିରୋଧ କରୁଥିଲେ । ଏହା ପରିଷ୍କାର ଭାବରେ ଦେଖା ଯାଉଥିଲା ଯେ ସେମାନେ ସମସ୍ତେ ବ୍ରିଟିଶକୁ ବିରୋଧ କରିବା ସହିତ ସେମାନେ ବ୍ରିଟିଶ ଉପସ୍ଥିତି ବିରୋଧରେ ଯୁଦ୍ଧ କରୁଥିଲେ । ପ୍ରାରମ୍ଭରେ ସେମାନେ ଏ ସମ୍ପର୍କରେ ଏକତ୍ରିତ ହୋଇ ଏକ ମନ ଓ ପ୍ରାଣରେ ସଂଗ୍ରାମ କରି ନଥିଲେ । ଭିନ୍ନ ଭିନ୍ନ ଗୋଷ୍ଠିର ଲୋକମାନଙ୍କର ବ୍ରିଟିଶ ବିରୋଧରେ ଭିନ୍ନ ଭିନ୍ନ ସ୍ୱଅଭିଯୋଗ ଥିଲା ଏବଂ ସେମାନେ ସେଥିପାଇଁ ନିଜ ନିଜର ଅସୁବିଧା ଦୂର କରିବା ପାଇଁ ଇଂରେଜମାନଙ୍କ ବିପକ୍ଷରେ ଲଢୁ ଥିଲେ । ଉଦାହରଣ ସ୍ୱରୂପ ସ୍ଥାନୀୟ-ଶାସକମାନେ ସେମାନଙ୍କ ରାଜ୍ୟକୁ ବ୍ରିଟିଶ ଅଧିକୃତ ହେବାକୁ (ଯେମିତିକି ବର୍ତ୍ତମାନ ଉତ୍ତର ପ୍ରଦେଶର ତତ୍କାଳିନ ଅବଧ ଏବଂ ଝାନ୍ସୀର



ଟିପ୍ପଣୀ

ଶାସକମାନଙ୍କ ସହିତ ହେଲା) ଚାହୁଁ ନଥିଲେ । ସେହିପରି କୃଷକ, କାରିଗର ଏବଂ ବନଜାତୀମାନେ ବ୍ରିଟିଶମାନଙ୍କ ଦ୍ୱାରା ପୀଡିତ ହେଉଥିଲେ ଏବଂ ସେମାନେ କେତେକ ସମୟରେ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ କରୁଥିଲେ । (ଏ ସମ୍ବନ୍ଧରେ ଆପଣ ଏହି ପୁସ୍ତକର ମୋଡୁଲ ୩ ରେ ପଢ଼ି ସାରିଛନ୍ତି) । ମାତ୍ର କେବଳ ବ୍ରିଟିଶ ଶାସନକୁ ବିରୋଧ କିମ୍ବା ସେମାନଙ୍କ ବିରୁଦ୍ଧରେ ଲଢ଼ିବା ଇତ୍ୟାଦି ବିଷୟ ଭାରତରେ ରାଷ୍ଟ୍ରବାଦର ଅନୁଭୂତି ଆଣି ପାରିନଥିଲା । ଯଦିଚ ବିଭିନ୍ନ ଗୋଷ୍ଠିର ଲୋକ ବ୍ରିଟିଶମାନଙ୍କ ଦ୍ୱାରା ଶୋଷିତ ହୋଇ ଏକତ୍ରିତ ହୋଇଥିଲେ ମାତ୍ର ସମଗ୍ର ଦେଶ ଏବଂ ଏହାର ଜନତା ସ୍ୱଚିନ୍ତନରେ ନିଜ ନିଜର ପରିଚୟର ଅନୁଭୂତି ସେମାନଙ୍କ ଭିତରେ ଆଣି ପାରି ନଥିଲେ । ଏମିତିକି ୧୮୫୭ ମସିହାର ସର୍ବ ବୃହତ୍ ଆନ୍ଦୋଳନରେ ଅନେକ ଶ୍ରେଣୀ ଓ ଗୋଷ୍ଠୀର ଲୋକେ ଏକତ୍ରିତ ହୋଇ ଲଢ଼ିଥିଲେ ମଧ୍ୟ (ସେମାନେ ଥିଲେ ଦେଶୀୟ ରାଜା, ସୈନ୍ୟ, ଜମିଦାର ଏବଂ କୃଷକ) ସେମାନଙ୍କ ମନରେ ରାଷ୍ଟ୍ରବାଦ କିମ୍ବା ସର୍ବ ଭାରତୀୟର ଭାବନା ସୃଷ୍ଟି ହୋଇ ନଥିଲା । ଭାରତର ଜନସାଧାରଣ, ସେମାନଙ୍କ ମଧ୍ୟରେ ଅନେକ ବିଭେଦତା ସତ୍ତ୍ୱେ ଅନେକ ସମାନତା ଥିବାର ଧାରଣାର ଝଡ ସେପର୍ଯ୍ୟନ୍ତ ସୃଷ୍ଟି ହୋଇ ନଥିଲା । ସେହିପରି ସେମାନେ ମଧ୍ୟ ହୃଦୟଙ୍ଗମ କରିପାରିନଥିଲେ ଯେ ବ୍ରିଟିଶ ଶାସନ ହେଉଛି ବିଦେଶୀ ଶାସନ ଏବଂ ସେମାନେ ସମଗ୍ର ଜନସାଧାରଣଙ୍କୁ ଅଧିନସ୍ଥ କରି ନିଜ ଶାସନରେ ପରିଚାଳିତ କରିବାକୁ ଚାହୁଁଛନ୍ତି ।

ଭାରତରେ ରାଷ୍ଟ୍ରବାଦର ବୈଶିଷ୍ଟ୍ୟ କିମ୍ବା ଭାରତୀୟ ଜାତୀୟତାବାଦ ଥିଲା ଏକ ବାସ୍ତବିକତା । ଏହା ଭାରତର ଜନସାଧାରଣଙ୍କର ସାଧାରଣ ଜାତୀୟତା ଥିଲା, ଏହା ସେମାନଙ୍କର ମିଳିତ ସ୍ୱାର୍ଥ ପାଇଁ ବ୍ରିଟିଶ ଶାସନକୁ ପ୍ରତିହତ ପାଇଁ ବୁଝା ଯାଉଥିଲା । ସାଧାରଣ ଶବ୍ଦରେ କୁହାଗଲେ, ବ୍ରିଟିଶ ଶାସନର ସାମୁହିକ ବିରୋଧ ଏବଂ ରାଷ୍ଟ୍ରୀୟ ଏକତାକୁ ହାସଲ କରିବାର ଇଚ୍ଛା ଭାରତୀୟ ରାଷ୍ଟ୍ରବାଦ ଭାବନାର କେନ୍ଦ୍ରରେ ନିହିତ ଥିଲା ।

ଔପନିବେଶକ ଶାସକଙ୍କ ଆଗମନ, ଭାରତୀୟ ସମାଜ ଏବଂ ଅର୍ଥ ବ୍ୟବସ୍ଥାରେ ସେମାନଙ୍କ ଅନୁପ୍ରବେଶ, ବାସ୍ତବରେ ରାଷ୍ଟ୍ରୀୟ ଭାବନାର ବିକାଶ ନିମିତ୍ତ ବାହ୍ୟକରଣରେ ପରିପୂର୍ଣ୍ଣ ଆଣିଥିଲା । ତଥାପି ସେମାନଙ୍କ ମଧ୍ୟରେ ଏହି ପରିସ୍ଥିତିଗୁଡିକ ରାଷ୍ଟ୍ରବାଦର ସଚେତନତା ସୃଷ୍ଟି କରିପାରିନଥିଲା । ରାଷ୍ଟ୍ରବାଦ ତତ୍ତ୍ୱର ସଚେତନତାର ପରିପକ୍ୱତା ପାଇଁ ଅନେକ ସମୟ ଲାଗିଲା ଏବଂ ଏହାର ଉପସ୍ଥିତି ଧିରେ ଧିରେ ଭାରତୀୟ ସଂସ୍କୃତି, ଅର୍ଥ ବ୍ୟବସ୍ଥା ଏବଂ ରାଜନୀତି ଉପରେ ଦେଖାଗଲା । ନିମ୍ନୋକ୍ତ ପରିଛେଦରେ ଆମେ ଏ ସମ୍ବନ୍ଧରେ ପୃଥକ ପୃଥକ ଭାବରେ ଆଲୋଚନା କରିବୁ ।

### ପାଠଗତ ପ୍ରଶ୍ନ - ୨୦.୧

୧. ନିମ୍ନଲିଖିତ କଥାକୁ ପଢ଼ି ଠିକ୍ କିମ୍ବା ଭୁଲ କୁହ:

(୧) ରାଷ୍ଟ୍ରବାଦ ବିଚାରରେ ଇତିହାସ ମାନବ ଇତିହାସ ଯେପରି ପୁରାତନ ଅଟେ (ଠିକ୍/ଭୁଲ)

(୨) ରାଷ୍ଟ୍ରବାଦ ବିଚାରର ମୂଳ ଆଧୁନିକ ଉୟୁରୋପ ଇତିହାସରେ ଅଛି (ଠିକ୍/ଭୁଲ)

(୩) ରାଷ୍ଟ୍ରବାଦ, ଆଧୁନିକ ଔଦ୍ୟୋଗିକ ଅର୍ଥ ବ୍ୟବସ୍ଥାର ପରିଣାମ ଥିଲା (ଠିକ୍/ଭୁଲ)

(୪) ଭାରତରେ ରାଷ୍ଟ୍ରବାଦର ଚିନ୍ତାଧାରା ନବମ ଶତାବ୍ଦିର ମଧ୍ୟଭାଗରେ ଅସ୍ତିତ୍ୱକୁ ଆସି ନଥିଲା (ଠିକ୍/ଭୁଲ)

(୫) ଏପରି ଦୁଇଟି ବୈଶିଷ୍ଟ୍ୟର ବର୍ଣ୍ଣନାକର ଯାହା ରାଷ୍ଟ୍ରବାଦକୁ ବୁଝିବା ପାଇଁ ନିର୍ଣ୍ଣାୟକ ହେବ ।

---

## ୨୦.୨ ସଂସ୍କୃତି ଏବଂ ରାଷ୍ଟ୍ରବାଦ

ରାଷ୍ଟ୍ରବାଦ ବିଚାରର ଅଭିବ୍ୟକ୍ତି ସର୍ବ ପ୍ରଥମେ ସାଂସ୍କୃତିକ କ୍ଷେତ୍ରରେ ଦେଖା ଯାଇଥିଲା ।

- ପ୍ରଥମେ ଏମାନେ ପାରମ୍ପରିକ ଭାରତୀୟ ସଂସ୍କୃତିର କିଛି ତତ୍ତ୍ୱ ସମ୍ବନ୍ଧରେ ପ୍ରଶ୍ନ ଉଠାଇଥିଲେ ଏବଂ ଭାରତୀୟ ସଭ୍ୟତାର କେତେକ ସାମାଜିକ ଦୁଃଷ୍କର୍ମ ଯଥା କୁ-ପ୍ରଥା ଜାତି ଭେଦ ଧାର୍ମିକ ଅନ୍ଧ ବିଶ୍ୱାସ, ପୁରୋହିତତା, ମହିଳାଙ୍କ ପ୍ରତି ଭେଦଭାବ ଇତ୍ୟାଦିକୁ ଦୂର କରିବା ପାଇଁ ସଂସ୍କାର ଆଣିବାର ଇଚ୍ଛାରୁ ଉତ୍ପନ୍ନ ହୋଇଥିଲା ।
- ଦ୍ୱିତୀୟରେ ଭାରତୀୟ ସଭ୍ୟତାରେ ଇଂରେଜ ହସ୍ତକ୍ଷେପର ବିରୋଧକୁ ମଧ୍ୟ ଭାରତୀୟମାନଙ୍କ ଦ୍ୱାରା ପ୍ରୟାସ କରାଗଲା ।

ଏହାକୁ ସ୍ମରଣ କରିବା ଗୁରୁତ୍ୱ ଏପରି ଯେ ଔପନିବେଶିକ ବିଜୟର ଅର୍ଥ କେବଳ ଗୋଟିଏ ପ୍ରକାର ଶାସକଙ୍କ ପରିବର୍ତ୍ତେ ଅନ୍ୟ ପ୍ରକାରର ଶାସକଙ୍କ ପ୍ରତିସ୍ଥାପନ ନ ଥିଲା । ସାଧାରଣ ଲୋକଙ୍କ ଜୀବନ ଉପରେ ଏହାର ଗଭୀର ପ୍ରଭାବ ପଡିଲା । ବ୍ରିଟିଶ ଶାସକ ଏବଂ ଏହାର ଏଜେଣ୍ଟମାନଙ୍କ ପ୍ରୟାସରେ ସେହି ସମୟର ଔପନିବେଶିକ ଶାସକମାନଙ୍କ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ବିସ୍ତାରିତ ହେଲା । ଉପନିବେଶବାଦୀ ସଂସ୍କୃତି ଏବଂ ଭାଷାର ପ୍ରସାର ଦ୍ୱାରା ଭାରତୀୟ ଉଚ୍ଚ କୁଳୀନ ବର୍ଗଙ୍କ ମଧ୍ୟରେ ଦୁଇ ପ୍ରକାର ପ୍ରଭାବ ପଡିଲା (କୁଳୀନ ଇଲିଟ: ସମାଜର ଉଚ୍ଚ ସଂସ୍କୃତିର ସମ୍ବନ୍ଧ ସାମାଜିକ ବିଶେଷାଧିକାର ପ୍ରାପ୍ତ ଏବଂ ସମାଜର ଉଚ୍ଚ ବର୍ଗ ସମ୍ବନ୍ଧିତ ଲୋକ) । ସେମାନଙ୍କ ମଧ୍ୟରେ କିଛି ଲୋକ ପାରମ୍ପରିକ ଭାରତୀୟ ସମାଜ ଏବଂ ସଂସ୍କୃତିର ଆଧୁନିକ ଇଂଲଣ୍ଡରେ ସେହି ସମୟର ଥିବା ସଂସ୍କୃତି ସହିତ ତୁଳନା ଆରମ୍ଭ କରି ଦେଇଥିଲେ । ଏପରି ଭାବରେ ସେମାନେ ଭାରତୀୟ ସଂସ୍କୃତିର କିଛି ତତ୍ତ୍ୱ ବିରୋଧରେ ପ୍ରଶ୍ନ କଲେ । ଉଦାହରଣ ସ୍ୱରୂପ, ରାଜା ରାମମୋହନ ରାୟ ଏବଂ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଇତ୍ୟାଦି ସମାଜ ସଂସ୍କାରକମାନେ କେତେକ ସାମାଜିକ ଦୁଷ୍କର୍ମକୁ ଦୂର କରିବା ପାଇଁ ପ୍ରୟାସ କରିଥିଲେ ଯାହା ଭାରତୀୟ ସମାଜର ଅଂଶ ଥିଲା । ବିଶେଷ ରୂପେ ରାଜା ରାମମୋହନ ରାୟ ସତୀପ୍ରଥା (ପତିର ମୃତ୍ୟୁରେ ଏହାର ଚିତା ସହିତ ତାହାର ବିଧବା ପତ୍ନୀକୁ ଜଳାଇଦେବା) ଉପରେ ଆକ୍ଷେପ କଲେ ଏବଂ ବିଦ୍ୟାସାଗର ବିଧବା ବିବାହ ଉପରେ ଜୋର୍ ଦେଲେ । ଜ୍ୟୋତିବା ଫୁଲେ ଭଳି ନେତା ମହାରାଷ୍ଟ୍ରରେ ଜାତିବାଦ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କଲେ । (ଯଦି ତାଙ୍କର ଇଉରୋପୀୟ ସଂସ୍କୃତିରେ ବିଶ୍ୱାସ ନଥିଲା ଏବଂ ଭାରତୀୟ ସଂସ୍କୃତି ଶ୍ରେଷ୍ଠ ଥିଲା) ତଥାପି ସେ





ଉପନିବେଶୀୟ ଶାସକଙ୍କୁ ନିବେଦନ କଲେ ଯେ ଭାରତୀୟ ସମାଜରେ ହସ୍ତକ୍ଷେପ କରି ଏହାର ସଂସ୍କାର ଆଣନ୍ତୁ । ତାଙ୍କର ଏହା ଅବଶ୍ୟ ବିଶ୍ୱାସ ଥିଲା ଯେ ବ୍ରିଟିଶ ଶାସନ ଆଧୁନିକ ଶକ୍ତିର ପ୍ରତିନିଧିତ୍ୱ କରୁଛି, ଯାହା ଭାରତୀୟ ସମାଜରେ ଆଧୁନିକତାରେ ସମାନ୍ତର ରୂପେ ଚାଲିବା ପାଇଁ ସମୁଚିତ ଢ଼ଙ୍ଗରେ ବିକାଶ କରିପାରିବ ।

ଅନ୍ୟ ଏକ ସ୍ତରରେ ଜଦିଚ, ଭାରତୀୟ ନେତୃବର୍ଗ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ଏବଂ ଏହାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରୁଥିଲେ । ଏହା ଚିନ୍ତା କରିବା ପଛରେ ସେମାନଙ୍କର ଧାରଣା ଥିଲା ଯେ ଭାରତୀୟ ଲୋକଙ୍କ ଜୀବନରେ ଉପନିବେଶବାଦୀ ସଂସ୍କୃତିର ଅନ୍ୟ ଦଖଲହେଉଛି । ୧୮୫୦ ଦଶକରେ ଯେତେବେଳେ ଇଉରୋପୀୟ ବେଶଭୂଷା ଏବଂ ଏହାର ପ୍ରଥାଗୁଡ଼ିକୁ ଭାରତୀୟମାନଙ୍କ ଉପରେ ବଳପୂର୍ବକ ପ୍ରୟୋଗ କରିବା ପାଇଁ ପ୍ରୟାସ କରାଗଲା, ସେତେବେଳେ ଭାରତୀୟମାନେ ଏହାକୁ ବିରୋଧ କଲେ । ଯେପରି ଊନବିଂଶ ଶତାବ୍ଦିର ପ୍ରଖ୍ୟାତ ସଂସ୍କାରକ ଏବଂ ବ୍ରହ୍ମ ସମାଜ (୧୮୨୮ରେ ରାମ ମୋହନ ରାୟଙ୍କ ଦ୍ୱାରା ଗଠିତ)ର ନେତା କେଶବ ଚନ୍ଦ୍ର ସେନ, ଇଂରେଜ ପୋଷାକ ପିନ୍ଧିବା ତଥା ଇଂରେଜ ଖାଦ୍ୟ ଭୋଜନ ପସନ୍ଦ କରୁ ନଥିଲେ । ଏପରି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଲେପଟନେଣ୍ଟ ଗଭର୍ଣ୍ଣର ଦ୍ୱାରା ଆୟୋଜିତ ସମାରୋହରେ ଭାଗ ନେବାକୁ ମନା କରି ଦେଇଥିଲେ, କାରଣ ତାଙ୍କୁ ଇଂରେଜୀ ପୋଷାକ ପିନ୍ଧିବାକୁ କୁହାଯାଇଥିଲା । ଏହି ଦୃଷ୍ଟିରୁ ଏହା ବୁଝା ଯାଉଥିଲା କି ଲୋକମାନଙ୍କ ପାଇଁ ସାଂସ୍କୃତିକ ଅଧିକାର ତଥା ପ୍ରଥା ଗୁଡ଼ିକ ଅନେକ ମହତ୍ୱପୂର୍ଣ୍ଣ ଥିଲା ତଥା ଉପନିବେଶୀୟ ଶାସନର ଏହି ଆଧାରରେ ବିରୋଧ କରାଗଲା ଯେ ଏହା ଏକ ପ୍ରକାର ଭାରତୀୟଙ୍କ ସଂସ୍କୃତି ଉପରେ ଅତିକ୍ରମଣ କରିବାର ଏକ ପ୍ରୟାସ ।

ଉପର ଲିଖିତ ଦୁଇଟି ଦୃଷ୍ଟିକୋଣ ଅତ୍ୟନ୍ତ ଭିନ୍ନ ଏବଂ ପରସ୍ପର ବିରୋଧୀ ଥିଲା । ପ୍ରଥମ ଦୃଷ୍ଟିକୋଣ (ପାରମ୍ପରିକ ଭାରତୀୟ ସଂସ୍କୃତିର ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା) ତଥା ଦ୍ୱିତୀୟ ଦୃଷ୍ଟିକୋଣ (ଉପନିବେଶୀୟ ଶାସକଙ୍କ ଦ୍ୱାରା ସ୍ଥାନୀୟ ଭାରତୀୟ ସଂସ୍କୃତିରେ ବାଧା ଦେବା ଅଥବା ଏହାକୁ ପରିବର୍ତ୍ତନ କରିବାର ପ୍ରୟାସ) । ପ୍ରଥମ ଦୃଷ୍ଟିରେ ପରସ୍ପର ବିରୋଧ ପ୍ରତୀୟମାନ ହୁଏ । ଦେଖିବା ପାଇଁ ଆପଣଙ୍କୁ ଏମିତି ଲାଗିବ ଯେ ପ୍ରଥମ ଦୃଷ୍ଟିକୋଣରୁ ଭାରତୀୟ ସମାଜରେ ହସ୍ତକ୍ଷେପ କରିବା ପାଇଁ ବ୍ରିଟ୍ରିଶକୁ ଆମନ୍ତ୍ରିତ କରାଗଲା । ସେତେବେଳେ ଅନ୍ୟ ଦୃଷ୍ଟିକୋଣ ଅନୁସାରେ ଏହାର ବିରୋଧ କରାଗଲା । ପରନ୍ତୁ ଏହି କଥାକୁ ମନେରଖିବା ବହୁତ ମହତ୍ୱପୂର୍ଣ୍ଣ ଥିଲା କି ଭାରତୀୟ ରାଷ୍ଟ୍ରବାଦର ଏକ ଭାଗ ରୂପେ ଏହି ଦୁଇଟି ଦୃଷ୍ଟିକୋଣ ଏକ ଅନ୍ୟ ଏକର ପରିପୁରକ ଥିଲା । ଭାରତୀୟ ସଂସ୍କୃତିର କେତେକ ନକାରାତ୍ମକ ଭଷ୍ଟ୍ରାଚାରକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରି ଔପନିବେଶିକ ଶାସକଙ୍କ ସଂସ୍କୃତିରେ ଏକିଭୂତ ହେବା ଫଳରେ ଊନବିଂଶ ଶତାବ୍ଦିରେ ସାଂସ୍କୃତିକ ରାଷ୍ଟ୍ରବାଦ ବିଚାରର ବିକାଶ ହେଲା । ଅନ୍ୟ ଶବ୍ଦରେ ଊନବିଂଶ ଶତାବ୍ଦିର ସାମାଜିକ ସଂସ୍କାରକମାନେ ଭାରତୀୟ ସଂସ୍କୃତିକୁ ପ୍ରକୃତରେ ଏକ ଆଧୁନୀକ ସଂସ୍କୃତି ଭାବରେ ଦେଖିବା ପାଇଁ ଚାହୁଁଥିଲେ । ମାତ୍ର ସେମାନେ ସମ୍ପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଆଡକୁ ଢ଼ଳିବାକୁ ଚାହୁଁ ନଥିଲେ । ଏହି ବିଚାରରୁ ସେମାନେ ଉଭୟ ପାରମ୍ପରିକ ସଂସ୍କୃତି କିମ୍ବା ଆଧୁନିକ ଔପନିବେଶିକ ସଂସ୍କୃତିକୁ ବିରୋଧ କରୁଥିଲେ । ଏହା ଥିଲା ସାଂସ୍କୃତିକ ରାଷ୍ଟ୍ରବାଦର ମୌଳିକତାର ବୈଶିଷ୍ଟ ଯାହା ଭାରତରେ ଊନବିଂଶ ଶତାବ୍ଦିରେ ପ୍ରଚଳିତ ଥିଲା ।

### ପାଠଗତ ପ୍ରଶ୍ନ ୨୦.୨

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

(କ) ଏହି ସଂସ୍କାରଙ୍କ ନାମ କୁହ, ଯିଏ ସତୀ ପ୍ରଥାର ବିରୋଧ କରିଥିଲେ ।

............................................................................................

(ଖ) ବିଧବା ବିବାହ ଉପରେ କେଉଁ ଭାରତୀୟ ସଂସ୍କାରକ କହିଥିଲେ ?

............................................................................................

(ଗ) ରାମ ମୋହନ ରାୟ ଦ୍ୱାରା ସ୍ଥାପିତ ସଂଗଠନର ନାମ କୁହ ।

............................................................................................

୨. ସାଂସ୍କୃତିକ ରାଷ୍ଟ୍ରବାଦର ଦୁଇଟି ମୁଖ୍ୟ ବିଶେଷତା ଉଲ୍ଲେଖ କର ।

............................................................................................

## ୨୦.୩ ଆର୍ଥିକ ରାଷ୍ଟ୍ରବାଦ

ଏବେ ତୁମେ ବୁଝିଗଲେ ଯେ ସାଂସ୍କୃତିକ ରାଷ୍ଟ୍ରୀୟତାର ଅଭିପ୍ରାୟ କ'ଣ ଏବଂ ଭାରତର ସଂସ୍କୃତି ଏବଂ ରାଷ୍ଟ୍ରବାଦ ମଧ୍ୟରେ ପରସ୍ପର ସମ୍ବନ୍ଧ କ'ଣ ଥିଲା ? ଆସ, ଏବେ ଆମେ ଆର୍ଥିକ ରାଷ୍ଟ୍ରବାଦକୁ ବୁଝିବାକୁ ପ୍ରୟାସ କରିବା । ଆର୍ଥିକ ରାଷ୍ଟ୍ରବାଦର ଜଡକୁ ଆମେ ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ଖୋଜି ପାରିବା ଯେତେବେଳେ ଦାଦାଭାଇ ନାରୋଜୀ, ମହାଦେବ ଗୋବିନ୍ଦ ରାଣା ଦେ ଏବଂ ରମେଶ ଚନ୍ଦ୍ର ଦତ୍ତ ଏବଂ ଆହୁରି ଅନେକ ବ୍ୟକ୍ତି ଏହା ଅନୁଭବ କରିବା ପ୍ରାରମ୍ଭ କରିଥିଲେଯେ, ବ୍ରିଟିଶ ଶାସନ ଭାରତକୁ ଆର୍ଥିକ ରୂପେ ଶୋଷଣ କରୁଥିଲା ତଥା ଭାରକୁ ଅତ୍ୟନ୍ତ ନିର୍ଦ୍ଧନ ସ୍ଥିତିରେ ରଖିବା ପାଇଁ ମୁଖ୍ୟତଃ ସେମାନଙ୍କର ଦାୟିତ୍ୱ ଥିଲା । ଏଇଥିପାଇଁ ଗୋପାଳ କୃଷ୍ଣ ଗୋଖଲେ, ବାଳ ଗଙ୍ଗାଧର ତିଳକ, ଜୀ.ବୀ ଜୋଶୀ ତଥା ଅନ୍ୟ ଭାରତୀୟ ନେତାମାନେ ବ୍ରିଟିଶ ଶାସନର ଆର୍ଥିକ ବ୍ୟବସ୍ଥାର ଆଲୋଚନା ପାଇଁ ଏକ ପଦ୍ଧତିଗତ ତଥା ବିସ୍ତୃତ ଆର୍ଥିକ ସମିକ୍ଷା ଆରମ୍ଭ କଲେ । ସେମାନଙ୍କ ଦ୍ୱାରା ନିଜର ଲେଖା ମାଧ୍ୟମରେ ପ୍ରତିପାଦିତ ଏବଂ ପ୍ରଚାରିତ ଆର୍ଥିକ ରାଷ୍ଟ୍ରବାଦର କିଛି ବିଶେଷତା ନିମ୍ନରେ ପ୍ରଦତ୍ତ ହେଲା ।

ସେମାନେ ଗୁରୁତ୍ୱ ଆରୋପ କଲେ କି ଏହି ଔପନିବେଶିୟ ଶାସନ ଭାରତକୁ ବିଭିନ୍ନ ବାଟରେ ଶୋଷଣ କରୁଛି । ପ୍ରାରମ୍ଭିକ କାଳରେ ଏହି ଶୋଷଣ କୃଷକମାନଙ୍କୁ ଅତ୍ୟଧିକ କର ଆଦାୟ ଏବଂ ଭାରତ ସହିତ ଅସୀମ ବାଣିଜ୍ୟ ମଧ୍ୟରେ ସୀମିତ ଥିଲା । ଏହା ଏକ ଅସମାନ ବାଣିଜ୍ୟ ଥିଲା କାରଣ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ (ଯିଏ ବ୍ରିଟିଶ ସଂସଦରେ ଭାରତ ସହିତ ବ୍ୟାପାର କରିବା ପାଇଁ ଏକାଧିକାର ଦେଇଥିଲା) ଅନେକ ଶସ୍ତା ଦାମ୍‌ରେ ଭାରତୀୟ ପଦାର୍ଥ କିଣୁଥିଲେ ଏବଂ ବ୍ରିଟେନରେ ନିର୍ମିତ ବସ୍ତୁଗୁଡିକୁ ଅନେକ ମହଙ୍ଗା ଦରରେ ଭାରତରେ ବିକୁଥିଲେ । ଏହାର





ପରିଣାମ ସ୍ୱରୂପ ଭାରତର ଧନ-ଦୌଲତ ଇଂଲଣ୍ଡକୁ ଯିବା ପାଇଁ ଲାଗିଲା । ସେମାନେ ଭାରତର ପରମ୍ପରାଗତ ହସ୍ତ ଶିଳ୍ପ ଉଦ୍ୟୋଗକୁ ମଧ୍ୟ ନଷ୍ଟ କରିଦେଲେ । ତଥାପି, ଉନବିଂଶ ଶତାବ୍ଦିରେ, ଯେତେବେଳେ ଏପରି ଆର୍ଥିକ ଶୋଷଣ ଜାରି ରହିଥିଲା, ନୂଆ ଜଟିଳ ପ୍ରକାରର ଶୋଷଣ ଅସ୍ତିତ୍ୱକୁ ଆସିଗଲା । ଏବେ ଔପନିବେଶିକ ଶାସକ ଭାରତକୁ ସେମାନଙ୍କର ଉଦ୍ୟୋଗୀମାନଙ୍କ ନିମିତ୍ତ କଞ୍ଚାମାଲ ଭରଣା କରୁଥିବା ଯୋଗାଣକାରୀ ରୂପରେ ଶୋଷଣ କରିବା ପ୍ରାରମ୍ଭ କଲେ ତଥା ଏମିତି ଏକ ବଜାରରେ ପରିବର୍ତ୍ତନ କଲେ ଯେଉଁଠାରେ ବ୍ରିଟିଶ ଉଦ୍ୟୋଗିମାନଙ୍କ ଦ୍ୱାରା ନିର୍ମିତ ବସ୍ତୁଗୁଡ଼ିକୁ ବିକ୍ରିକରା ଯାଇପାରିଥିଲା ଭାରତକୁ ଏହି ସାମଗ୍ରୀମାନଙ୍କର ଫସଲ ଉତ୍ପାଦନ (ଯେମିତି କପା ବା ପଟସନ୍) ନିମିତ୍ତ ବାଧ୍ୟ କରାଗଲା ଯାହା ବ୍ରିଟିଶ ଉଦ୍ୟୋଗୀମାନଙ୍କ ନିମିତ୍ତ ଆବଶ୍ୟକ ଥିଲା । ଏହାର ପ୍ରଭାବ ଏମିତି ହେଲା ଯେ, ଯେଉଁ ଭାରତୀୟ ଧନ-ସମ୍ପତ୍ତି ଭାରତର ଔଦ୍ୟୋଗୀକରଣ ଏବଂ ଆର୍ଥିକ ବ୍ୟବସ୍ଥା ନିମିତ୍ତ ପ୍ରୟୋଗ କରିବା ପାଇଁ ବ୍ୟବହାର କରାଯାଇ ପାରିଥାନ୍ତା, ତାହା ବ୍ରିଟେନ ଆର୍ଥିକ ବିକାଶ ନିମିତ୍ତ ପ୍ରୟୋଗ କରାଗଲା । ଭାରତୀୟ ରାଷ୍ଟ୍ରୀୟ ନେତାମାନେ ଏହି ମହତ୍ୱପୂର୍ଣ୍ଣ ତଥ୍ୟକୁ ଜାଣିଲେ ତଥା ଏହାର ପ୍ରଚାର ମଧ୍ୟ କଲେ ।

ଭାରତରେ କ୍ରମାଗତ ଆର୍ଥିକ ଶୋଷଣକୁ ବୁଝିଥିବା ରାଷ୍ଟ୍ରୀୟ ନେତାମାନେ ବିଶେଷ ରୂପେ ଦାଦା ଭାଇ ନାରୋରଜୀ 'ନିଷ୍କାସନ ସିଦ୍ଧାନ୍ତ'କୁ ଲୋକପ୍ରିୟ କରାଇଲେ । ନାରୋଜୀ ତାଙ୍କର ପ୍ରମୁଖ ପୁସ୍ତକ "ପୋଭାଟି ଏଣ୍ଡ ଦି ଅନ-ବ୍ରିଟିଶ ରୁଲ୍ ଇନ୍ ଇଣ୍ଡିଆ (୧୯୦୧-ପ୍ରକାଶିତ ୧୯୮୮) ଲିଖିତ ପ୍ରମୁଖ ପୁସ୍ତକରେ ତର୍କ କରିଥିଲେ ଯେ ଭାରତର ଆର୍ଥିକ ସଂଶୋଧନକୁ ବ୍ୟାପାର, ଔଦ୍ୟୋଗୀକରଣ ଏବଂ ବ୍ରିଟିଶ ଅଧିକାରୀମାନଙ୍କୁ ପ୍ରଦାନ କରାଯାଉଥିବା ଅତ୍ୟଧିକ ବେତନ, ଯାହା ଭାରତୀୟ କୋଷାଗାରରୁ ପ୍ରଦାନ କରାଯାଉଥିଲା ଏବଂ ଏପରି ବହୁତ ବ୍ୟବସ୍ଥିତ ପଦ୍ଧତିରେ ଅର୍ଥ ଇଂଲଣ୍ଡକୁ ପ୍ରଦାନ କରାଯାଉଥିଲା । ସେମାନଙ୍କର ଆକଳନ ଅନୁସାରେ ଏହି 'ନିଷ୍କାସନ' ସରକାରଙ୍କ ରାଜସ୍ୱର ଅଧାଭାଗ ତଥା ଭାରତର ସଞ୍ଚୟର ଏକ ତୃତୀୟାଂଶରୁ ଅଧିକ ଥିଲା । ଏପରି ଭାବରେ ଏହା ବ୍ରିଟେନର ବିଭବତା ଏବଂ ଭାରତର ଦାରିଦ୍ର୍ୟତାର ପ୍ରକ୍ରିୟା, ଏକ ସମୟରେ ଚାଲିଥିଲା ।

ଏପରି ଭାବରେ ପ୍ରାରମ୍ଭିକ ରାଷ୍ଟ୍ରିୟ ନେତାମାନେ ଏପରି ତର୍କ ରଖିଲେ ଯେ ବ୍ରିଟିଶ ଔପନିବେଶିକ ଶାସନରେ ଅନେକ ପ୍ରକାରର ଉପାୟ ମାଧ୍ୟମରେ ଭାରତର ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଗ୍ରେଟ ବ୍ରିଟେନର ଅର୍ଥ ବ୍ୟବସ୍ଥା ମଧ୍ୟରେ ଅଧୀନ କରି ନିଆ ହୋଇଥିଲା । ସେମାନେ ଏହା ଦାବି କରିଥିଲେ କି ଭାରତର ଧନ-ସମ୍ପଦକୁ ଇଂଲଣ୍ଡକୁ ନିଷ୍କାସନ ବନ୍ଦ କରାଯାଉ ଏବଂ ଭାରତର ପୁଞ୍ଜିରେ କେବଳ ଭାରତରେ ଔଦୋଗୀକରଣ ଅଣାଯାଉ ଯାହାଫଳରେ ଏହା ଭାରତ ତଥା ଭାରତର ଲୋକ ଉଭୟଙ୍କର ହୋଇପାରିବ । ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ରାଷ୍ଟ୍ରବାଦୀ ନେତାମାନେ ନିଜ ଦେଶ ନିମିତ୍ତ ସ୍ୱ-ଶାସନ ବା ସ୍ୱ-ସରକାର ବା ସ୍ୱରାଜର ଦାବି ଆଣିଲେ ।

ରାଷ୍ଟ୍ରବାଦୀ ନେତାମାନଙ୍କ ଦ୍ୱାରା ସଂରଚିତ ଆର୍ଥିକ ରାଷ୍ଟ୍ରୀୟବାଦିର ସନ୍ଦର୍ଭ ଦ୍ୱିପକ୍ଷୀୟ ଥିଲା:

ସର୍ବ ପ୍ରଥମେ ଏଥିରୁ ସେହି ଧାରଣାର ପରିସମାପ୍ତି କରାଗଲା, ଯାହା ଉନବିଂଶ ଶତାବ୍ଦିର ପ୍ରଥମାର୍ଦ୍ଧ ମଧ୍ୟରେ ଶିକ୍ଷିତ ବର୍ଗଙ୍କ ହୃଦୟରେ ବସିଯାଇଥିଲା ଯେ ବ୍ରିଟିଶ ଉପନିବେଶବାଦୀ ସରକାର କଲ୍ୟାଣକାରୀ ସରକାର ଅଟେ ଏବଂ ଏହା ପରିଶେଷରେ ଭାରତର ଆର୍ଥିକ ବିକାଶ







ଦିଗକୁ ଅଗ୍ରସର ହେଉଛି । ଅନେକ ଲୋକଙ୍କର ଏହା ବିଶ୍ୱାସ ଥିଲା ଯେ ଯଦି ଔପନିବେଶିକ ଶାସନ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିବ ତାହାହେଲେ ପରିଶେଷରେ ଭାରତ ଗ୍ରେଟ ବ୍ରିଟେନ ପରି ସମୃଦ୍ଧ ରାଷ୍ଟ୍ର ହୋଇଯିବ । ଭାରତୀୟ ରାଷ୍ଟ୍ରବାଦୀ ନେତା ଏହା ପ୍ରଦର୍ଶିତ କରିବାରେ ସମର୍ଥ ଥିଲେ ଯେ ଏହି ଧାରଣା ଭୁଲ ଥିଲା ତଥା ଏହି ଉପନିବେଶବାଦୀ ଶାସନ ବାସ୍ତବରେ ଭାରତର ଲୋକଙ୍କ ହିତ ପାଇଁ ହାନିକାରକ ଥିଲା ।

ଦ୍ୱିତୀୟରେ ଆର୍ଥିକ ରାଷ୍ଟ୍ରବାଦ ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଏକ ଶକ୍ତିଶାଳୀ ଆନ୍ଦୋଳନର ଭିତ୍ତି ରଖିଥିଲା, ଯାହା ବିଂଶ ଶତାବ୍ଦିରେ ମହାତ୍ମାଗାନ୍ଧି ଏବଂ ଅନ୍ୟ ନେତାମାନଙ୍କ ନେତୃତ୍ୱରେ ପ୍ରାରମ୍ଭ ହେଲା । ଏହି ନେତାମାନେ ଆର୍ଥିକ ରାଷ୍ଟ୍ରବାଦର ବିଚାରକୁ ଭାରତୀୟ ଜନତା ପର୍ଯ୍ୟନ୍ତ ପହଞ୍ଚାଇଲେ ଏବଂ ସେମାନେ ଏହା ସପକ୍ଷରେ ରାଷ୍ଟ୍ରୀୟ ଆନ୍ଦୋଳନ ପାଇଁ ପ୍ରେରିତ କଲେ । ବର୍ତ୍ତମାନ ସମସ୍ତେ ଭାରତୀୟ ଜନମାନସରେ ବହୁ ସଂଖ୍ୟାରେ ରାଷ୍ଟ୍ରୀୟ ଆନ୍ଦୋଳନ ସହିତ ଜୋଡି ହୋଇଗଲେ, ବ୍ରିଟିଶ ଔପନିବେଶିକ ଶାସନ ଭାରତରେ ରହିବା ଅସମ୍ଭବ ହୋଇଗଲା ।

## ପାଠଗତ ପ୍ରଶ୍ନ ୨୦.୩

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

(କ) ଭାରତର ଏମିତି କିଛି ନେତାମାନଙ୍କର ନାମ ଲେଖ ଯେଉଁମାନେ ଏହି ତର୍କ ରଖିଥିଲେ ଯେ ବ୍ରିଟିଶ ଶାସନ ଦ୍ୱାରା ଭାରତର ଅର୍ଥ ବ୍ୟବସ୍ଥାକୁ ଶୋଷଣ କରାଯାଉଛି ।

..............................................................................................

(ଖ) 'ନିଷ୍କାସନ ସିଦ୍ଧାନ୍ତ' କ'ଣ ଥିଲା ଏବଂ ଏହାକୁ କିଏ ପ୍ରତିପାଦିତ କରିଥିଲେ ?

..............................................................................................

(ଗ) ଆର୍ଥିକ ରାଷ୍ଟ୍ରବାଦର ମହତ୍ୱ କ'ଣ ଅଟେ ?

..............................................................................................

(ଘ) ବିଂଶ ଶତାବ୍ଦୀରେ ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନଙ୍କ ଦ୍ୱାରା ଆର୍ଥିକ ରାଷ୍ଟ୍ରବାଦ ବିଚାର କେଉଁ ପ୍ରକାର ଉପଯୋଗ କରାଗଲା ?

..............................................................................................

୨. ଶୂନ୍ୟସ୍ଥାନ ପୂରଣ କର:

(କ) ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତ ସହିତ__________ କଲେ ।

(ଖ) ଦାଦା ଭାଇ ନାରୋଜୀ __________ପୁସ୍ତକ ରଚନା କରିଥିଲେ ।





(ଗ) ଭାରତରୁ ଇଂଲଣ୍ଡକୁ ନିଷ୍କାସିତ ହେଉଥିବା ଅର୍ଥ ସମ୍ପତ୍ତିର କୁଳମାତ୍ରା ଭାରତର__________ ସଂଚୟର ବରାବର ଥିଲା ।

(ଘ) ଉପନିବେଶବାଦୀ ଶାସକ ସେମାନଙ୍କର ଉଦ୍ୟୋଗଗୁଡ଼ିକ ନିମିତ୍ତ ଭାରତକୁ __________ସ୍ରୋତ ରୂପରେ ଶୋଷଣ କରୁଥିଲେ ।

---

## ୨୦.୪ ଧର୍ମ ଏବଂ ରାଷ୍ଟ୍ରବାଦ

ସାଂସ୍କୃତିକ ରାଷ୍ଟ୍ରବାଦ ତଥା ଆର୍ଥିକ ରାଷ୍ଟ୍ରବାଦ ବ୍ୟତୀତ, ଅନ୍ୟ ଉପାୟ ମଧ ଥିଲା, ଯାହା ମାଧମରେ ଭାରତୀୟ ରାଷ୍ଟ୍ରବାଦର ଭାବନା ଅଭିବ୍ୟକ୍ତ କରାଯାଇ ପାରୁଥିଲା । ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧ ମଧରେ ଭାରତୀୟ ରାଷ୍ଟ୍ରବାଦ ସନ୍ଦର୍ଭରେ ଏହି ବିଚାରର ଜନ୍ମ ନେଲା ଯାହା ଧର୍ମ ଉପରେ ଆଧାରିତ ଥିଲା । ଏହା ବଙ୍କିମ ଚନ୍ଦ୍ର ଚଟ୍ଟୋପଧ୍ୟାୟ, ଦୟାନନ୍ଦ ସରସ୍ୱତୀ (ଯିଏ ୧୮୭୫ରେ ଆର୍ଯ୍ୟ ସମାଜର ସ୍ଥାପନା କରିଥିଲେ) ଏବଂ ଅରୋବିନ୍ଦ ଘୋଷ ଭଳି ନେତାମାନେ ହିନ୍ଦୁ ଧର୍ମ ଏବଂ ଏହାର ଭାବନାକୁ ଭାରତୀୟ ରାଷ୍ଟ୍ରବାଦ ପଛରେ ପ୍ରେରଣା ଶକ୍ତି ସୃଷ୍ଟି କଲେ । ସେମାନେ ଭାରତରେ ବ୍ରିଟିଶମାନଙ୍କର ଉପସ୍ଥିତିକୁ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ଭାରତ ସଭ୍ୟତା ଉପରେ ନିଜର ପ୍ରଭୁତ୍ୱ ସ୍ଥାପନା କରିବା ସ୍ଥିତିରେ ଦେଖିଥିଲେ । ସେମାନେ ସେହି ପ୍ରଭୁତ୍ୱରସମ୍ପୂର୍ଣ୍ଣ ବିରୋଧୀ ଥିଲେ ।

ଏହି ନେତାମାନେ ସମ୍ପୂର୍ଣ୍ଣ ରୂପେ ମାନୁଥିଲେ ଯେ ଯଦ୍ୟପି ବ୍ରିଟିଶ, ଭାରତ ଉପରେ ବିଜୟ ପ୍ରାପ୍ତ କରିବାରେ ସଫଳ ହେଲା ତଥାପି ପ୍ରାଚ୍ୟ ସଭ୍ୟତା ପାଶ୍ଚାତ୍ୟ ସଭ୍ୟତା ଠାରୁ ଶ୍ରେଷ୍ଠ ଥିଲା । ବଙ୍କିମ ଚନ୍ଦ୍ର ଏହା ଯୁକ୍ତି କଲେ ଯେ ଯଦିଚ ବ୍ରିଟିଶମାନେ ସେନା ଏବଂ ପ୍ରଦ୍ୟୋଗର ଶ୍ରେଷ୍ଠତାର ସହାୟତା ଭାରତ ଉପରେ ବିଜୟ ପ୍ରାପ୍ତ କରି ନେଇଥିଲେ ତଥାପି ଭାରତୀୟମାନେ ସେମାନଙ୍କର ଅନୁକରଣ କରିବା ଉଚିତ୍ ନୁହେଁ । ସେମାନେ ଭାରତୀୟ ସମାଜର ଅଦ୍ୱିତିୟତାର ପକ୍ଷ ନେଲେ ଏବଂ କହିଲେ ଯେ ଏଠାରେ ପାଶ୍ଚାତ୍ୟ ସଭ୍ୟତାର ବିଚାରଗୁଡ଼ିକୁ ଲାଗୁ କରାଯାଇପାରିବ ନାହିଁ । ସେହି ନେତାମାନେ ଏପରି ବୁଝିଥିଲେ ଯେ ପାଶ୍ଚାତ୍ୟ ସଭ୍ୟତା ବ୍ୟକ୍ତିବାଦୀ ବିଚାରଧାରା ଉପରେ (ଆଧାତ୍ମିକତାର ସ୍ଥାନ ଉପରେ) ଆଧାରିତ ଥିଲା ଏବଂ ଏହି ବିଚାର ଭାରତ ନିମିତ୍ତ ସମ୍ପୂର୍ଣ୍ଣ ରୂପେ ଅନୁଚିତ୍ ଥିଲା । ବିବେକାନନ୍ଦଙ୍କର ବିଶ୍ୱାସ ଥିଲା ଯେ ପାଶ୍ଚାତ୍ୟ ବିଚାରକୁ ଭାରତୀୟ ସ୍ଥିତି ଅନୁସାରେ ପୁନଃ ରଚିତ କରିବାକୁ ହେବ । ସେ କହିଲେ, ୟୁରୋପରେ ରାଜନୈତିକ ବିଚାର ରାଷ୍ଟ୍ରୀୟ ଏକତା ଆଣିଥାଏ, ଏସିଆରେ ଧାର୍ମିକ ବିଚାର ରାଷ୍ଟ୍ରୀୟ ଏକତାର ଭାବନା ସୃଷ୍ଟି କରେ ।

ଏହି ନେତାମାନଙ୍କର ପ୍ରେରଣା ସ୍ରୋତ ପାଶ୍ଚାତ୍ୟ ସାହିତ୍ୟ ଏବଂ ଅନ୍ୟ ସାଧନ ନୁହେଁ ମାତ୍ର ବେଦ, ଉପନିଷେଦ ଏବଂ ଗୀତା ଭଳି ଭାରତୀୟ ଗ୍ରନ୍ଥ ଥିଲା । ସେମାନେ ବ୍ରିଟିଶ ଉପନିବେଶବାଦୀ ଶାସନର ଆଲୋଚନା କଲେ, ଯାହାର ମୁଖ୍ୟ ଆଧାର ଥିଲା ଯେ ଏହି ଲୋକମାନେ ଆଧାତ୍ମିକ ସଂଶୋଧନରେ ସମ୍ପନ୍ନ ସମୃଦ୍ଧ ଭାରତ ଭୂମି ଉପରେ ଏକ ନିକୃଷ୍ଟ ଭୌତିକ ପଦ୍ଧତି ଲାଗୁ କରିବାପାଇଁ ଚାହୁଁଛନ୍ତି ।







ଧର୍ମ ଉପରେ ଆଧାରିତ ରାଷ୍ଟ୍ରବାଦର ଉପଲବ୍ଧି ଏକ ରାଜନୈତିକ ଦୃଷ୍ଟିକୋଣ ଥିଲା । ବାଳ ଗଙ୍ଗାଧର ତିଳକ ଭଳି ନେତା ରାଷ୍ଟ୍ରବାଦର ଏହି ଭାବନାକୁ ଜନମାନସ ପର୍ଯ୍ୟନ୍ତ ନେଇ ଯିବାକୁ ଚାହୁଁ ଥିଲେ । ସେ ଜାଣିଥିଲେ ଯେ ଭାରତୀୟ ସମାଜରେ ଅନେକ ମହତ୍ୱ ପୂର୍ଣ୍ଣ ନୈତିକ ଶକ୍ତି ଥିଲା । ତେଣୁ ସେ ରାଷ୍ଟ୍ରବାଦୀ ଭାବନାର ପ୍ରଚାର ନିମିତ୍ତ ଉପଯୋଗ କରିବାକୁ ନିର୍ଣ୍ଣୟ ନେଲେ । ଲୋକମାନଙ୍କୁ ସେ ସେମାନଙ୍କ ଭାଷା, ଅର୍ଥ, ଧାର୍ମିକ ଭାଷାରେ ଅଭିବ୍ୟକ୍ତ କରିବା ପାଇଁ ଯୋଗ୍ୟ ହେବା ପାଇଁ, ତିଳକ ୧୮୯୩ରେ ମହାରାଷ୍ଟ୍ରରେ ଗଣପତି ଉତ୍ସବ ପାଳନ କରିବା ଆରମ୍ଭ କଲେ ଯାହା ଫଳରେ ଏମିତି ମଞ୍ଚ ପ୍ରସ୍ତୁତ କରାଯାଇପାରିବ ଯେଉଁଠାରେ ରାଷ୍ଟ୍ରବାଦୀ ବିଚାରଗୁଡିକୁ ପ୍ରଚାର ଓ ପ୍ରସାର କରାଯାଇପାରିବ ।

ବିଂଶ ଶତାବ୍ଦିରେ ଧର୍ମ ଉପରେ ଆଧାରିତ ଏହି ରାଷ୍ଟ୍ରବାଦୀ ଉପଲବ୍ଧିର ପରିଣାମ ସ୍ୱରୂପ ଦୁଇଟି ବିଭିନ୍ନ ପ୍ରକାରର ରାଜନୈତିକ ଗତିବିଧି ସୃଷ୍ଟି ହେଲା । ଏକ ପାଖରେ ମହାତ୍ମାଗାନ୍ଧି ଭଳି ନେତାମାନେ ରାଷ୍ଟ୍ରବାଦୀ ପ୍ରେରଣାକୁ ଆଗେଇ ନେବାକୁ ଧର୍ମକୁ ବ୍ୟବହାର କରିବାକୁ ସ୍ୱାଗତ କଲେ । ମାତ୍ର ସେମାନେ ଏହି ଦୃଷ୍ଟିକୋଣକୁ କେବଳ ହିନ୍ଦୁ ଧର୍ମ ପର୍ଯ୍ୟନ୍ତ ସୀମିତ ରଖି ନଥିଲେ । ସେମାନେ ହିନ୍ଦୁତ୍ୱ, ଇସଲାମ ଏବଂ ଅନ୍ୟ ଧର୍ମମାନଙ୍କର ପ୍ରତୀକ ଏବଂ ଭାଷାମାନଙ୍କୁ ମଧ୍ୟ ବ୍ୟବହାର କଲେ । ଏହି ପ୍ରକାର ସେମାନେ ବିଭିନ୍ନ ଧାର୍ମିକ ସମୁଦାୟର ସଦସ୍ୟମାନଙ୍କୁ ରାଷ୍ଟ୍ରୀୟ ଆନ୍ଦୋଳନ ସହିତ ଜଡିତ କରିବା ତଥା ସେମାନଙ୍କ ମଧ୍ୟରେ ଏକତ୍ୱ ଭାବନାକୁ ଜାଗ୍ରତ କରିବା ପାଇଁ ପ୍ରୟାସ କଲେ ।

ଅନ୍ୟ ଦୃଷ୍ଟିକୋଣରୁ ଏହା ପ୍ରମୁଖ ବିଚାର ଥିଲା ଏବଂ ଏହା 'ହିନ୍ଦୁ ମହାସଭା' ଓ 'ମୁସଲିମ୍ ଲିଗ୍' ଭଳି ସଙ୍ଗଠନ ଗୁଡିକର ଗତିବିଧିରେ ପରିଲକ୍ଷିତ ହେଉଥିଲା । ହିନ୍ଦୁ ମହାସଭାର ନେତାମାନେ ନିଜର ଗତିବିଧିକୁ ହିନ୍ଦୁମାନଙ୍କ ପର୍ଯ୍ୟନ୍ତ ଏବଂ ମୁସଲିମ ଲିଗ ମୁସଲମାନମାନଙ୍କ ପର୍ଯ୍ୟନ୍ତ ସୀମିତ ରଖିଥିଲେ । ସେମାନେ ଭାରତୀୟ ଜନମାନସରେ ଏକତାର ପ୍ରୟାସ କରି କିମ୍ବା ବ୍ରିଟିଶ ଉପନିବେଶବାଦୀ ଶାସନର ଲଗାତାର ବିରୋଧ କରି କୌଣସି ପ୍ରକାରରେ ଭାରତୀୟ ରାଷ୍ଟ୍ରବାଦର ବିଚାରଧାରା ନିମିତ୍ତ ଯୋଗଦାନ କଲେ ନାହିଁ ।

ପରିଶେଷରେ ଆପଣଙ୍କ ପାଇଁ ଏହା ବୁଝିବା ବହୁତ ମହତ୍ୱପୂର୍ଣ୍ଣ ଅଟେ ଯେ ଉକ୍ତ ମଡ୍ୟୁଲରେ ପଠିତ ବିଭିନ୍ନ ପ୍ରକାରର ରାଷ୍ଟ୍ରବାଦର ପରସ୍ପର ସହିତ ସମ୍ପର୍କର ଦିଗକୁ ଆପଣମାନେ ବୁଝିପାରିବେ । ଯଦିଚ ସେଗୁଡିକ ପରସ୍ପରଠାରୁ ଭିନ୍ନ ଜଣା ଯା'ନ୍ତି, ତଥାପି ସେମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ସେମାନେ ପରସ୍ପରଠାରୁ ଅଲଗା ବୋଲି ପ୍ରତୀୟମାନ ହୁଏ ଯେ ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି ମାତ୍ର ପରିଶେଷରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିଥାନ୍ତି । ସେମାନେ କୌଣସି ପ୍ରକାର ମୂଳଭୂତ ଭାବନାରେ ପରସ୍ପର ବିରୋଧୀ ନଥିଲେ । ସେମାନେ ସମସ୍ତେ ବ୍ରିଟିଶ ଉପନିବେଶବାଦୀ ଶାସନକୁ ବିରୋଧ କରୁଥିଲେ ପରନ୍ତୁ ସେମାନଙ୍କ ବିରୋଧର ଆଧାର ଭିନ୍ନ ଭିନ୍ନ ଥିଲା । ସାଂସ୍କୃତିକ ରାଷ୍ଟ୍ରବାଦର ସପକ୍ଷବାଦୀମାନଙ୍କର ବିଶ୍ୱାସ ଥିଲା ଯେ ଔପନିବେଶିକ ଶାସନ ଭାରତୀୟ ସଂସ୍କୃତିର ଅତିକ୍ରମଣ କରିବା ଆରମ୍ଭ କରି ଦେଇଥିଲା ଯାହା ବିରୋଧ କରିବା ଆବଶ୍ୟକ । ଆର୍ଥିକ ରାଷ୍ଟ୍ରବାଦର ପ୍ରତିବାଦକମାନେ ଯୁକ୍ତି ବାଢ଼ିଲେ କି ଉପନିବେଶବାଦୀ ଶାସକ ଆର୍ଥିକ ରୂପେ ଭାରତର ଶୋଷଣ କରୁଥିଲେ ଏବଂ ଭାରତକୁ ପଛୁଆ ରଖିବା ପାଇଁ ଏହା ଏକ ମୁଖ୍ୟ ଉପାଦାନ ଥିଲା । ଏ ପ୍ରକାର ବଙ୍କିମ ଚନ୍ଦ୍ର

ଏବଂ ବିବେକାନନ୍ଦ ଭଳି ନେତାମାନେ ବ୍ରିଟିଶ ଶାସନର ଏହି ଆଧାର ଉପରେ ବିରୋଧ କଲେ ଯେ ଏହା ଭାରତର ଆଧ୍ୟାତ୍ମିକ ସଂଶାଧନକୁ ପ୍ରଦୁଷିତ କରୁଅଛି । ଏହି ତିନି ଜଣ ବ୍ରିଟିଶ ଔପନିବେଶିକ ଶାସନକୁ ବିରୋଧ କଲେ କାରଣ ଭାରତୀୟ ଜନତା ଉପରେ ବ୍ରିଟିଶ୍ ଶାସନର ପ୍ରଭାବ ବିସ୍ତାର । ସେମାନଙ୍କର ଚିନ୍ତାଧାରା ବିଂଶ ଶତାବ୍ଦିରେ ଏକ ଶକ୍ତିଶାଳୀ ଔପନିବେଶିକ ବିରୋଧୀ ଭାରତୀୟ ଜାତୀୟ ଆନ୍ଦୋଳନ ଗଢ଼ିବାରେ ସହାୟକ ହେଲା, ଯାହା ପରିଶେଷରେ ଭାରତରୁ ଔପନିବେଶିକ ଶାସନକୁ ପରାହତ ଏବଂ ବହିଷ୍କୃତ କଲା ।

## ପାଠଗତ ପ୍ରଶ୍ନ - ୨୦.୪

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ:

(କ) ଆର୍ଯ୍ୟ ସମାଜର ସ୍ଥାପନା କିଏ କରିଥିଲେ ?

........................................................................................

(ଖ) ଭାରତୀୟ ନେତାମାନଙ୍କ ଅନୁଯାୟୀ ପାଶ୍ଚାତ୍ୟ ସଭ୍ୟତାର କ'ଣ ମୁଖ୍ୟ ବିଚାର ଥିଲା ?

........................................................................................

(ଗ) ସେହି ଭାରତୀୟ ନେତାମାନଙ୍କର ନାମ ଲେଖନ୍ତୁ ଯିଏ ଭାରତୀୟ ଜନମାନସ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଉତ୍ସବ ମାନିବା ଆରମ୍ଭ କଲେ ।

........................................................................................

୨. ନିମ୍ନ ଲିଖିତ କଥନକୁ ପଢ଼ି ଠିକ ବା ଭୁଲ ବତାନ୍ତୁ:

(କ) ବଙ୍କିମ ଚନ୍ଦ୍ରଙ୍କ ଅନୁମାନ କଲେ ଯେ ପାଶ୍ଚାତ୍ୟ ସଭ୍ୟତାର ବିଚାରକୁ ଭାରତରେ ଲାଗୁ କରାଯାଇପାରେ । (ଠିକ୍/ଭୁଲ)

(ଖ) ଦୟାନନ୍ଦ ଏବଂ ବିବେକାନନ୍ଦ ଭଳି ନେତାମାନେ ସେମାନଙ୍କର ପ୍ରେରଣା ଇଉରୋପୀୟ ଗ୍ରନ୍ଥ (ସାହିତ୍ୟ)ରୁ ପ୍ରାପ୍ତ କରିଥିଲେ । (ଠିକ୍/ଭୁଲ)

(ଗ) ଆର୍ଥିକ ରାଷ୍ଟ୍ରବାଦ, ସାଂସ୍କୃତିକ ରାଷ୍ଟ୍ରବାଦ ଏବଂ ଧର୍ମ ଉପରେ ଆଧାରିତ ରାଷ୍ଟ୍ରବାଦ ଏକମାତ୍ର ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ବିଭିନ୍ନ ମାର୍ଗକୁ ଆପଣେଇଥିଲେ । (ଠିକ୍/ଭୁଲ୍)

## ତୁମେ କ'ଣ ଶିଖିଲ

ଏହି ପାଠ୍ୟରେ ନିମ୍ନଲିଖିତ ବୈଶିଷ୍ଟ୍ୟ ଉଲ୍ଲେଖନୀୟ ଅଟେ:

- ସର୍ବ ପ୍ରଥମେ ଉନବିଂଶ ଶତାବ୍ଦିରେ ଇଉରୋପରେ ରାଷ୍ଟ୍ରବାଦର ଜଡ ଦୃଢ଼ ହେଲା ଏବଂ ଏହା ଖୁବ୍ ଶୀଘ୍ର ଔଦଗୀକରଣ ଏବଂ ଆଧୁନିକ ଔଦ୍ୟଗିକ ଅର୍ଥ ବ୍ୟବସ୍ଥାର ପରିଣାମ ଥିଲା ।

- ଭାରତୀୟ ରାଷ୍ଟ୍ରବାଦ ତାହାର ସମକାଳୀନ ଇଉରୋପୀୟ ରାଷ୍ଟ୍ରବାଦଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଭାରତରେ  ରାଷ୍ଟ୍ରବାଦ ଭାବନାର ଉଦୟ ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ହୋଇଥିଲା ।
- ଭାରତୀୟ ରାଷ୍ଟ୍ରବାଦର ବିଚାର ଯମଜ ବିରୋଧ ଭାବନା ଉପରେ ଆଧାରିତ ଥିଲା । ପ୍ରଥମଟି ଥିଲା ବ୍ରିଟିଶ ଉପନିବେଶବାଦୀ ଶାସନର ବିରୋଧ ଏବଂ ଦ୍ୱିତୀୟଟି ଥିଲା ଭାରତର ଲୋକମାନଙ୍କର ଏକତା ।
- ବ୍ରିଟିଶ ଶାସନର ପ୍ରଭାବ ସର୍ବ ପ୍ରଥମ ସଂସ୍କୃତି କ୍ଷେତ୍ରରେ ଅନୁଭବ କରାଗଲା । ଭାରତୀୟ ନେତାମାନଙ୍କ ଦ୍ୱାରା ତର୍କ ରଖାଗଲା କି ଭାରତୀୟ ସଂସ୍କୃତିରେ ଉପନିବେଶବାଦୀ ସଂସ୍କୃତିର ଅତିକ୍ରମଣ ହାନିକାରକ ଅଟେ ଏବଂ ଏହାର ବିରୋଧ ହେବା ଉଚିତ୍ ।
- ପ୍ରାରମ୍ଭିକ ରାଷ୍ଟ୍ରବାଦୀ ନେତାମାନେ ବ୍ରିଟିଶ ଉପନିବେଶବାଦୀ ଶାସନର ଆର୍ଥିକ ଦୃଷ୍ଟିରେ ଶୋଷଣକାରୀ ପ୍ରକୃତିକୁ  ଦର୍ଶାଗଲା ତଥା ଏପରି ରାଷ୍ଟ୍ରବାଦର ଜନ୍ମ ହେଲା ।
- ଏହା ସହିତ, ଅନ୍ୟ ନେତାମାନେ ଭାରତର ରାଷ୍ଟ୍ରବାଦର ପ୍ରଚାର କଲେ, ଯାହା ଧର୍ମ ଉପରେ  ଆଧାରିତ ଥିଲା ତଥା ଯାହା ଧାର୍ମିକ ବିଚାର-ବିମର୍ଶ ଦ୍ୱାରା ପ୍ରେରିତ ଥିଲା ।
- ବିଂଶ ଶତାବ୍ଦିରେ ଅନେକ ଶାଖାଗୁଡିକ ସହିତ ଯେଉଁ ଭାରତୀୟ ରାଷ୍ଟ୍ରବାଦର ବିକାଶ ହେଲା ଏହାର ପରିଣାମ ସ୍ୱରୂପ ଶକ୍ତିଶାଳୀ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ରୂପ ନେଇ ପାରିଲା । ଏହି ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ଉନବିଂଶ ଶତାବ୍ଦିର ଭାରତୀୟ ରାଷ୍ଟ୍ରବାଦ ବିଚାର ଉପରେ ଆଧାରିତ ଥିଲା ଏବଂ ଏହା ଜନମାନସର ବ୍ୟାପକ ଅଂଶୀଦାର ଭାବରେ ସମର୍ଥନ ମିଳିଲା । ବିଶାଳ ଜନମାନସର ସକ୍ରିୟ ଭାଗୀଦାରୀ ଭାରତୀୟ ରାଷ୍ଟ୍ରବାଦକୁ ଶକ୍ତିଶାଳୀ ଅଜେୟ ଶକ୍ତିରେ ପରିବର୍ତ୍ତିତ ହୋଇଗଲା । ଯାହା ପରିଶେଷରେ ବ୍ରିଟିଶ ଉପନିବେଶବାଦୀ ଶାସନକୁ ଭାରତକୁ ଆସିବା ଉପରେ ବାଧ ବାଧକତା କରିଦେଲା ।

## ପାଠାନ୍ତ ପ୍ରଶ୍ନ

୧. ଔଦ୍ୟୋଗିକରଣ ଇଉରୋପରେ ରାଷ୍ଟ୍ରବାଦକୁ ବିକଶିତ କରିବାରେ କି ପ୍ରକାରର ଦିଗ୍‌ଦର୍ଶନ ଦେଲା ?

୨. ଭାରତୀୟ ରାଷ୍ଟ୍ରବାଦ, ନିଜର ସମକାଳୀନ ଇଉରୋପୀୟ ରାଷ୍ଟ୍ରବାଦଠାରୁ କିପରି ଭିନ୍ନ ଥିଲା ?

୩. ସାଂସ୍କୃତିକ ରାଷ୍ଟ୍ରବାଦର ସାର କ'ଣ ଥିଲା ?

୪. ଦାଦାଭାଇ ନାରୋଜୀ ଏବଂ ଆର୍.ସି.ଦତ୍ତ ଭଳି ନେତାମାନେ ଆର୍ଥିକ ରାଷ୍ଟ୍ରବାଦର ବିକାଶରେ କିପ୍ରକାର  ଯୋଗଦାନ କରିଥିଲେ ?

୫. ଏହା କି ପ୍ରକାର ବିଭିନ୍ନ ଉପାୟ ଥିଲା ଯାହା ଦ୍ୱାରା ବ୍ରିଟିଶ ଉପନିବେଶବାଦୀ ଶାସନ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗ୍ରେଟ-ବ୍ରିଟେନର ଅର୍ଥ ବ୍ୟବସ୍ଥାର ଅଧିନ କଲା ?

୬. ଦୟାନନ୍ଦ ସରସ୍ୱତୀ, ବିବେକାନନ୍ଦ ଏବଂ ଅରବିନ୍ଦ ଘୋଷଙ୍କ ଦୃଷ୍ଟିକୋଣରେ ଧର୍ମ ଏବଂ ରାଷ୍ଟ୍ରିୟତାରେ ପରସ୍ପର କ'ଣ ସମ୍ବନ୍ଧ ଥିଲା ?

୭. ଭାରତୀୟ ରାଷ୍ଟ୍ରବାଦର ବିକାଶ, ଭାରତୀୟ ରାଷ୍ଟ୍ର ଆନ୍ଦୋଳନର ବିକାଶରେ କ'ଣ ସମ୍ବନ୍ଧ ଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୦.୧**

୧. (କ) ଭୁଲ (ଖ) ଠିକ୍ (ଗ) ଠିକ୍ (ଘ) ଠିକ୍

୨. (କ) ବ୍ରିଟିଶ ଉପନିବେଶବାଦୀ ଶାସନର ବିରୋଧ (ଖ) ଭାରତୀୟ ଲୋକମାନଙ୍କର ଏକତା

**୨୦.୨**

୧.(କ) ରାମମୋହନ ରାୟ (ଖ) ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (ଗ) ବ୍ରହ୍ମ ସମାଜ

୨. ପାରମ୍ପରିକ ଭାରତୀୟ ସଂସ୍କୃତିର କେତେକ ତତ୍ତ୍ୱର ବିରୋଧ ଏବଂ ଲୋକମାନଙ୍କର ଜୀବନରେ ଉପନିବେଶବାଦୀ ସଂସ୍କୃତିର ଅତିକ୍ରମଣର ବିରୋଧ ।

**୨୦.୩**

୧. ଦାଦା ଭାଇ ନାରୋଜୀ, ଆର୍.ସି. ଦତ୍ତ, ମହାଦେବ ଗୋବିନ୍ଦ ରାଣାଡେ, ଏବଂ ଅନ୍ୟାନ୍ୟ କେତେ ଜଣ ।

୨. ନିଷ୍କାସନ ପଦ୍ଧତିର ଅଭିପ୍ରାୟ ଥିଲା, ବ୍ୟାପାର, ଉଦ୍ୟୋଗ ଏବଂ ଭାରତରେ ନିଯୁକ୍ତ ବ୍ରିଟିଶ ଅଧିକାରୀମାନଙ୍କର ବେତନ ପ୍ରଦାନ ଜରିଆରେ ଭାରତୀୟ ଧନ ସମ୍ପଦକୁ ଏକ ପ୍ରଣାଳୀର ରୂପ ଦେଇ ଇଂଲଣ୍ଡକୁ ସ୍ଥାନାନ୍ତରିତ କରିବା ।

୩. ଆର୍ଥିକ ରାଷ୍ଟ୍ରବାଦର ଏହା ମହତ୍ୱ ଥିଲା ଯେ ଏହିଠାରୁ ଏହି ଭ୍ରମ ସମାପ୍ତ ହୋଇଗଲା କି ବ୍ରିଟିଶ ଉପନିବେଶବାଦୀ ଶାସନ ଭାରତର ଲୋକମାନଙ୍କର ମଙ୍ଗଳ ପାଇଁ କାମ କରୁଥିଲା ।

୪. ଆର୍ଥିକ ରାଷ୍ଟ୍ରବାଦର ଭାବନା ଦ୍ୱାରା ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନେ ଭାରତୀୟ ଲୋକମାନଙ୍କୁ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରେରିତ କରିବା ପାଇଁ ଉପଯୋଗ କଲେ ।

୨. (କ) ଅସମାନ ବ୍ୟାପାର (ଖ) ନିର୍ଦ୍ଧନତା ତଥା ଭାରତରେ ବ୍ରିଟିଶ ଶାସନକୁ ହଟାଇବା (ଗ) ଏକ ତୃତୀୟାଂଶ (ଘ) କଞ୍ଚାମାଲ







**୨୦.୪**

୧. (କ) ଦୟାନନ୍ଦ ସରସ୍ୱତୀ (ଖ) ବ୍ୟକ୍ତିବାଦ ଧର୍ମ ନିରପେକ୍ଷତା, ଔଚିତ୍ୟପୂର୍ଣ୍ଣ ବ୍ୟାଖ୍ୟା (ଗ) ବାଳ ଗଙ୍ଗାଧର ତିଳକ

୨. (କ) ଭୁଲ (ଖ) ଭୁଲ (ଗ) ଠିକ୍

**ପାଠାନ୍ତ ପ୍ରଶ୍ନର ସଙ୍କେତ**

୧. ଦେଖ ୨୦.୧ ଅନୁଚ୍ଛେଦ ୨

୨. ଦେଖ ୨୦.୧ ଅନୁଚ୍ଛେଦ ୫

୩. ଦେଖ ୨୦.୨

୪. ଦେଖ ୨୦.୩ ଅନୁଚ୍ଛେଦ ୧ ଏବଂ ୨

୫. ଦେଖ ୨୦.୩ ଅନୁଚ୍ଛେଦ ୩ ଏବଂ ୪

୬. ଦେଖ ୨୦.୪ ଅନୁଚ୍ଛେଦ ୧ ଏବଂ ୨

୭. ଦେଖ ୨୦.୪ ଅନୁଚ୍ଛେଦ ୭ (ଅନ୍ତିମ ଅନୁଚ୍ଛେଦ)